## କୁଲଡ଼ିହା ଅଭୟାରଣ୍ୟରୁ ଦେଶୀ ବନ୍ଧୁକ ସହ ଶିକାରୀ ଗିରଫ

ସଜନାଗଡ଼,(ଡି.ଏନ.ଏ.): ନୀଳଗିରି କୁଲଡ଼ିହା ଅଭୟାରଣ୍ୟର ଜଡ଼ାଗଡ଼ିଠାରେ ବନବିଭାଗ ଜଣେ ଶିକାରୀଙ୍କୁ ଗିରଫ କରିବା ସହ ଏକ ଦେଶୀ ବନ୍ଧୁକ ଜବତ କରିଛି। ଉକ୍ତ ଶିକାରୀ ହେଲେ ବରହମପୁର ଥାନା କେସିପୁର ପଞ୍ଚାୟତ ରାଉଦିଆ ଗ୍ରାମର ଶୁକୁରା ସିଂ (୨୫)। କୁଲଡ଼ିହା ଭାରପ୍ରାପ୍ତ ରେଞ୍ଜର ମନୱାର ଖାଁଙ୍କ ନିର୍ଦ୍ଦେଶକ୍ରମେ ବନବିଭାଗର କର୍ମଚାରୀ, ଫରେଷ୍ଟଗାର୍ଡ, ସବୁଜ ବାହିନୀ ଚଢ଼ାଉ କରିଥିଲେ। ବନବିଭାଗ ପକ୍ଷରୁ ଏକ ମାମଲା (ନଂ. ୧୯ କେ/୨୧-୨୨) ରୁଜୁ ହୋଇଛି।

**ସଂକ୍ଷେପରେ**

## ନୀଳଗିରିରେ ହରିୟାଣାର କ୍ରାଇମବ୍ରାଞ୍ଚ ଟିମ୍

ସଜନାଗଡ,୧୮।୯(ଡି.ଏନ.ଏ.)-ହରିୟାଣା ଗୁରୁଗାଓଁ ଥାନା ଅଧୀନ ଗୁରୁଗ୍ରାମର ଶିଭ୍ରାଂଶୁ ରାଜ ଗୋଏଲଙ୍କ ଘରୁ ୨୭ଲକ୍ଷ ଟଙ୍କାର ଗହଣା ଲୁଟ୍ କରି ଫେରାର ଥିବା ନୀଳଗିରି ଥାନା ଭିମେଇ ଗ୍ରାମର କାଶୀନାଥ ମଲିକଙ୍କୁ ୫ଦିନ ପୂର୍ବରୁ କ୍ରାଇମବ୍ରାଞ୍ଚ ଟିମ୍ ଗିରଫ କରିଥିଲା। ଲୁଟ୍ ଗହଣାକୁ ଉଦ୍ଧାର କରିବା ଲାଗି କ୍ରାଇମବ୍ରାଞ୍ଚ ଟିମ୍ ନୀଳଗିରି ପୋଲିସ ସହାୟତାରେ ଭିମେଇ ଗ୍ରାମରେ ପହଞ୍ଚିଥିଲା। ସେଠାରେ ତଦନ୍ତ ପରେ ଚୋରି ଗହଣାକୁ ଠାବ କରାଯାଇ ପାରି ନ ଥିଲା। ଚୋରି ଗହଣାକୁ କାଶୀନାଥ ବିକ୍ରି କରିଦେଇଥିବା ଶୁଣିବାକୁ ମିଳୁଛି । ଏ ନେଇ ଗୁରୁଗାଁଓ ଥାନାରେ ଏକ ମାମଲା (ନଂ. ୬୮/୨୧) ରୁଜୁ ହୋଇଥିବା ବେଳେ କାଶୀନାଥ ମଲିକଙ୍କୁ କ୍ରାଇମବ୍ରାଞ୍ଚ ଟିମ୍ ହରିୟାଣା ନେଇ ଯାଇଛନ୍ତି।

କାଶୀନାଥ ଗୁରୁଗ୍ରାମର ଶିଭ୍ରାଂଶୁ ରାଜ ଗୋଏଲଙ୍କ ଘରେ ଚାକର ଭାବେ କାର୍ଯ୍ୟ କରୁଥିଲେ। ଗତ ୨୯ ମାର୍ଚ୍ଚ ରାତିରେ ସେ ୨୭ଲକ୍ଷ ଟଙ୍କାର ଅଳଙ୍କାରକୁ ଲୁଟ୍ କରି ଫେରାର ହୋଇଯାଇଥିଲେ। ଏନେଇ ଘରର ମାଲିକ ଗୁରୁଗାଁଓ ଥାନାରେ ଅଭିଯୋଗ କରିଥିଲେ ।

## ରେଳବାଇ ଚୋରି ସାମଗ୍ରୀ ଜବତ ୨ ଗିରଫ

ରୂପସା, ୧୮।୯(ଡି.ଏନ.ଏ.)-ଦକ୍ଷିଣ-ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ଅନ୍ତର୍ଗତ ରାଜଘାଟ ଷ୍ଟେଶନ ନିକଟ ସୁବର୍ଣ୍ଣରେଖା ପୋଲଠାରେ ରୂପସା ଆରପିଏଫ୍ ଥାନା ପୋଲିସ ଚଢ଼ାଉ କରି ରେଳବାଇ ଚୋରି ସାମଗ୍ରୀ ଜବତ କରିଛି। ଦୁଇ ଅଭିଯୁକ୍ତ ବସ୍ତା ଥାନା ବେଣାପୁରା ଗ୍ରାମର କାଳିଆ ବାସ୍କେ ଓ ଅଜୟ ମାଝୀଙ୍କୁ ଗିରଫ କରାଯାଇଛି। ଏ ସଂକ୍ରାନ୍ତରେ ଏକ ମାମଲା (ନଂ. ୩/୨୧) ରୁଜୁ ହୋଇ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଛି। ଗତ ୧୪ତାରିଖରେ ଗ୍ୟାଙ୍ଗମ୍ୟାନଙ୍କ କେବିନ ଭାଙ୍ଗି ବିପୁଳ ପରିମାଣରେ ରେଳବାଇ ସରଞ୍ଜାମ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ଘଟଣାର ତଦନ୍ତ ପରେ ଆରପିଏଫ ଓଆଇସି ଭଗବାନ ସିଂହ, ଏଏସ୍ଆଇ ଏସ୍. ସରକାର ଓ ଏମ୍. ବାରିକ ପ୍ରମୁଖ ଶୁକ୍ରବାର ଚଢ଼ାଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ସଞ୍ଜୁ ବଡୁ ଫେରାର ଥିବା ଜଣାପଡିଛି। ସେମାନଙ୍କଠାରୁ ୯ ହଜାର ଟଙ୍କାର ହାଇଡ୍ରୋଲିକ ଜାକ, ଫାଉଡ଼ା, ସ୍ପାନର, ଇଆରସି ଆଦି ଚୋରି ସାମଗ୍ରୀ ଜବତ ହୋଇଛି।

## ମା' କୋଳରୁ ୧୩ ଦିନର ଶିଶୁ ନିଖୋଜ

### ୫ ଦିନ ପରେ ମିଳିଲା ମୃତଦେହ

ଜଳେଶ୍ୱର, ୧୮।୯(ଡି.ଏନ.ଏ.)- ମା' କୋଳରୁ ୧୩ ଦିନର ଶିଶୁପୁତ୍ର ନିଖୋଜ ହେବାର ୫ ଦିନ ପରେ ତାର ମୃତଦେହ ନିକଟସ୍ଥ ଏକ ପୋଖରୀରୁ ମିଳିଛି। ଜଳେଶ୍ୱର ଥାନାର ଆରୁହା ପଞ୍ଚାୟତ ଅଧୀନ ଶାଳିକୋଠା ଗାଁ ୯ ନଂ. ୱାର୍ଡ଼ ହରିଜନ ସାହିର ବଳରାମ ଜେନା ଓ ତାଙ୍କ ସ୍ତ୍ରୀ ପୂର୍ଣ୍ଣିମା ଜେନା ଗତ ୧୩ ତାରିଖ ରାତିରେ ୧୩ ଦିନର ପିଲାକୁ କୋଳରେ ଧରି ଶୋଇଥିଲେ। ହେଲେ ରାତିରେ ମା' କୋଳରୁ ଶିଶୁ ନିଖୋଜ ହୋଇଯାଇଥିଲା। ଏ ସମ୍ପର୍କରେ ଥାନାରେ ଏକ ମାମଲା(ନଂ.୩୦୧/୨୧) ରୁଜୁ ହୋଇଥିଲା । ଜଳେଶ୍ୱର ପୋଲିସ ବାପା, ମା' ଓ ବଡ଼ବାପା ଓ ବଡ଼ମାକୁ ଅଟକ ରଖି ବିଭିନ୍ନ ଦିଗରୁ ତଦନ୍ତ କରିଥିଲା। ଘଟଣାର ୫ ଦିନ ପରେ ଶନିବାର ନିକଟସ୍ଥ ଏକ ପୋଖରୀରୁ ଶିଶୁପୁତ୍ରର ମୃତଦେହ ଉଦ୍ଧାର କରାଯାଇଥିଲା । ପୋଲିସ୍ର ଏକ ବିଶେଷଜ୍ଞ ଦଳ ଘଟଣାସ୍ଥଳକୁ ଆସି ରିପୋର୍ଟ ସଂଗ୍ରହ କରିଛନ୍ତି । ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଇଛି। ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି ପୋଲିସ କହିଛି ।

## ବଳଦେବଜୀଉ ମନ୍ଦିରରେ ବାମନ ଜନ୍ମ

କେନ୍ଦୁଝର, ୧୮।୯(ଡି.ଏନ୍.ଏ.): କେନ୍ଦୁଝରର ବଡଠାକୁର ବଳଦେବଜୀଉ ମନ୍ଦିରରେ ପବିତ୍ର ବାମନ ଜନ୍ମ, ସୁନିଆଁ ଓ ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ ଅନୁଷ୍ଠିତ ହୋଇଯାଇଛି। ବାମନ ଜନ୍ମରେ ଶ୍ରୀଜୀଉଙ୍କର ବିଭିନ୍ନ ନୀତି ଓ କରଣବେଶ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟା ଆଳତୀ ପରେ ବାମନଜନ୍ମ ପୂଜା ଓ ବଳଦେବ କରଣ ବେଶରେ ରତ୍ନ ସିଂହାସନରେ ପୂଜା ପାଇଥିଲେ । ରାତିରେ ବଡସିଂହାର ବେଶ ହେବା ପରେ ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ ନୀତି ସମ୍ପନ୍ନ ହୋଇଥିଲା। ଏହି ଦେବନୀତିକୁ ବ୍ରହ୍ମା ଗଙ୍ଗାଧର ମିଶ୍ର, ରାଜପୁରୋହିତ ପ୍ରସନ୍ନ କୁମାର ନନ୍ଦ, ବଡପଣ୍ଡା ରାଜକିଶୋର ପଣ୍ଡା ପ୍ରମୁଖ ଅନ୍ୟାନ୍ୟ ସେବାୟତ ଏବଂ ସେବାକାରୀମାନେ ପରିଚାଳନା କରିଥିଲେ।

# କମୁଛି ସୁବର୍ଣ୍ଣରେଖା, ବଢୁଛି ଦୁର୍ଦ୍ଦଶା

- ଲକ୍ଷାଧିକ ଲୋକ ଜଳବନ୍ଦୀ
- ବନ୍ୟା ପାଣିରେ ଭାସିଯାଇ ଜଣେ ମୃତ

ଭୋଗରାଇ, ୧୮।୯(ଡି.ଏନ.ଏ.)

ସୁବର୍ଣ୍ଣରେଖା ଉପରମୁଣ୍ଡ ଚାନ୍ଦିଲି ଡ୍ୟାମ୍ ସହ ବିଭିନ୍ନ ଜଳଧାରରୁ ବର୍ଷା ପାଣି ସୁବର୍ଣ୍ଣରେଖାକୁ ନିଷ୍କାସନ ବନ୍ଦ ହେବା ପରେ ନିମ୍ନ ଅବବାହିକାରେ ବନ୍ୟାଜଳ କମିବାରେ ଲାଗିଛି। ସୁବର୍ଣ୍ଣରେଖା ରାଜଘାଟ ଗେଜ୍ଠାରେ ବନ୍ୟାଜଳ ହ୍ରାସ ପାଇ ଶନିବାର ମଧ୍ୟାହ୍ନରୁ ସତର୍କ ସୂଚନା ତଳେ ପ୍ରବାହିତ ହେଉଛି। ଶୁକ୍ରବାର ସକାଳରୁ ରାତି ୯ଟା ପର୍ଯ୍ୟନ୍ତ ଜଳସ୍ତର ବୃଦ୍ଧି ପାଇ ବିପଦସଙ୍କେତ ୧୦.୩୬ ମିଟର ଉପରେ ପ୍ରବାହିତ ହୋଇ ୧୦.୬୬ ମିଟରରେ ସ୍ଥିର ରହିବା ପରେ ଜଳସ୍ତର ଖସିଛି। ବନ୍ୟା ଜଳ ହ୍ରାସ ପାଉଥିବା ବେଳେ ବିପନ୍ନଙ୍କ ଦୁର୍ଦ୍ଦଶା ବଢ଼ିଛି। ଶୁକ୍ରବାର ଭୋଗରାଇ ବ୍ଲକ ଅଧୀନ ମହେଶପୁର ଗ୍ରାମର ମନୁଧର ଦଳାଇ (୩୫) ନାମକ ଯୁବକ ମାଛ ଧରିବାକୁ ଯାଇଥିବା ବେଳେ ପାଣିରେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି।

ଉତ୍ତରବାଲେଶ୍ୱରର ଭୋଗରାଇ, ବାଲିଆପାଳ, ଜଳେଶ୍ୱର ଓ ବସ୍ତା ଅଞ୍ଚଳ ତଳି ଅଞ୍ଚଳର ଲକ୍ଷାଧିକ ଲୋକ ଅଦ୍ୟାବଧି ଜଳବନ୍ଦୀ ରହିବା ଯୋଗୁ ଜନଜୀବନ ଦୁର୍ବିଷହ ହୋଇପଡ଼ିଛି। ବହୁ ଗ୍ରାମର ରାସ୍ତା ଓ ପ୍ରଧାନମନ୍ତ୍ରୀ ସଡ଼କ ବୁଡ଼ିଯାଇ ପାଣିର ସ୍ରୋତ ଛୁଟୁଥିବା ବେଳେ ଗମନାଗମନ ବିଚ୍ଛିନ୍ନ ହୋଇଛି। ଅବିଶ୍ରାନ୍ତ ବର୍ଷାରେ ଉତ୍ତରବାଲେଶ୍ୱର ଜଳାର୍ଣ୍ଣବ ହୋଇଛି। ସୁବର୍ଣ୍ଣରେଖା ବନ୍ୟା ଲୋକଙ୍କ ଦୁଃଖକୁ ବଢ଼ାଇ ଦେଇଛି। ବନ୍ୟା ବିପନ୍ନ ଅଞ୍ଚଳର ଲୋକ ଗୋଟିଏ ଗାଁରୁ ଅନ୍ୟ ଗାଁକୁ ଯିବାକୁ କଦଳୀଭେଳା, ଡଙ୍ଗାର ସାହାରା ନେଉଛନ୍ତି। ଘରେ ପାଣି ପଶିଥିବାରୁ ଚୁଲି ଜଳିବା ଏକପ୍ରକାର ବନ୍ଦ ହୋଇଯାଇଛି। ଚାରଣ ଜମିରେ ପାଣି ଜମି ରହିବା ଦ୍ୱାରା ଗୃହପାଳିତ ପ୍ରାଣୀଙ୍କ ଅବସ୍ଥା ଶୋଚନୀୟ ହୋଇପଡ଼ିଛି।



ପାଣି ଘେରରେ ଲୋକେ।

ବର୍ଷା ବିତ୍ପାତ ଯୋଗୁ ଉତ୍ତର ଭୋଗରାଇର ୧୮ ପଞ୍ଚାୟତ ପାଣିରେ ଭାସୁଛି। ସମସ୍ତ ଗ୍ରାମ ରାସ୍ତାରେ କେଉଁଠି ଆଣ୍ଠୁଏ ତ ଆଉ କେଉଁଠି ଛାତିଏ ଉଚ୍ଚର ପାଣି ଜମି ରହିଛି। ହଜାର ହଜାର ହେକ୍ଟର ଚାଷଜମିରେ ପାଣିର ଲହରି ଭାଙ୍ଗି ଚାଷ ନଷ୍ଟ ହେବା ଆଶଙ୍କା ରହିଛି। ମାଟି ଘରଗୁଡ଼ିକରେ ବର୍ଷା ଓ ବନ୍ୟା ପାଣି ପଶି ବିପଦ ବଢ଼ାଉଥିବାବେଳେ ବନ୍ୟା ବିପନ୍ନ ଲୋକେ ନିରାପଦ ସ୍ଥାନକୁ ଉଠିଯାଇ ଜୀବନ ବଞ୍ଚାଇଛନ୍ତି। ଅପରପକ୍ଷରେ ନଦୀର ଉଭୟ ପାର୍ଶ୍ୱରେ ବ୍ୟାପକ ଅତଡ଼ା ଖସିଯିବାରୁ ତଟବାସୀ ଭୟଭୀତ ହୋଇପଡିଛନ୍ତି। ସେଚ ବିଭାଗ ପକ୍ଷରୁ ଦବି ଯାଇଥିବା ବନ୍ଧଗୁଡ଼ିକରେ ବାଲି ବସ୍ତା ପକାଯାଇ କର୍ମଚାରୀମାନେ ଜଗି ରହିଛନ୍ତି।

# ବୁଢ଼ାବଳଙ୍ଗରେ ବନ୍ୟା


ବନ୍ୟାଞ୍ଚଳ ପରିଦର୍ଶନ କରୁଛନ୍ତି ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଉପ ସଭାପତି ମାନସ କୁମାର ଦତ୍ତ।

**୮ ପଞ୍ଚାୟତ ଜଳବନ୍ଦୀ**

ବାଲେଶ୍ୱର ଅଫିସ,୧୮।୯

ବାଲେଶ୍ୱରରେ ପ୍ରବାହିତ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ପରିସ୍ଥିତି ଯୋଗୁ ବାଲେଶ୍ୱର ନିର୍ବାଚନମଣ୍ଡଳୀ ଅଧୀନ ପ୍ରାୟ ୭ରୁ ୮ଟି ପଞ୍ଚାୟତ ଜଳବନ୍ଦୀ ହୋଇ ରହିଛନ୍ତି। ମହାମାରୀ କରୋନା ସମୟରେ ବନ୍ୟା ବୋଝ ଉପରେ ନଳିତା ବିଡା ସଦୃଶ। ପ୍ରଶାସନ କେବଳ ଶୁଖିଲା ଖାଦ୍ୟ ପଠାଇ କାମ ସାରିଦେଇଥିବା ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଉପ ସଭାପତି ମାନସ କୁମାର ଦତ୍ତ ଅଭିଯୋଗ କରିଛନ୍ତି।

ଦତ୍ତ ଭାଜପା ଟିମ୍ ସହ ବାଲେଶ୍ୱର ନିର୍ବାଚନମଣ୍ଡଳୀ ଅଧୀନ ଗୋପୀନାଥପୁର ପଞ୍ଚାୟତକୁ ଶନିବାର ପରିଦର୍ଶନ କରି ସ୍ଥିତି ପରଖିଥିଲେ। ପଞ୍ଚାୟତର ନିଳିଦା, ବାହାର୍ଦ୍ଧା, ନଳକୂଳି, ଅନାଳିଆ, ଟିଆଖିଆ, ଚକ ଜଗନ୍ନାଥପୁର ଆଦି ଗ୍ରାମର ୧୫୦୦ରୁ ଉର୍ଦ୍ଧ୍ୱ ପରିବାର ବର୍ତ୍ତମାନ ପାଣିଘେରରେ ରହିଛନ୍ତି। କିଛିଦିନ ପୂର୍ବରୁ ଲଗାଣ ବର୍ଷା ଓ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ପ୍ରଭାବରେ ଆଜି ବି ଗାଁ ଗାଁରେ ଆଣ୍ଠୁଏ ଉଚ୍ଚର ପାଣି ରହିଛି। ବନ୍ୟା ଯୋଗୁ ଲୋକଙ୍କ ଘରେ ପାଣି ପଶିବା ଦ୍ୱାରା ଆସବାବପତ୍ର ସହ ଅନେକ ଶସ୍ୟଜାତୀୟ ଖାଦ୍ୟ ନଷ୍ଟ ହୋଇଯାଇଛି। ଏପର୍ଯ୍ୟନ୍ତ ଜିଲା ପ୍ରଶାସନ କିମ୍ବା ବ୍ଲକ ପ୍ରଶାସନ ସେମାନଙ୍କ ନିକଟରେ ପହଞ୍ଚିପାରିନାହିଁ। ସେମାନଙ୍କୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ ପାଇଁ ପ୍ରଶାସନକୁ ଦତ୍ତ ଅନୁରୋଧ କରିଛନ୍ତି। ପରିଦର୍ଶନ ସମୟରେ ପଞ୍ଚାୟତ ସଭାପତି ବୃନ୍ଦାବନ ରାଉତ, ବରିଷ୍ଠ ନେତା ବିଜୁ ପ୍ରଧାନ, ଯୁବ ନେତା ମାୟାଧର ପ୍ରଧାନ, ଯୁବମୋର୍ଚ୍ଚା ପଞ୍ଚାୟତ ସଭାପତି ଯୋଗେନ୍ଦ୍ର ପ୍ରଧାନ, ବାଦଲ ଦାସ, ସୁର ରାଉତଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଗାଁ ଦାଣ୍ଡରେ ବନ୍ୟାପାଣି

### ଅଧାବାଟ ପାଣି ଭିତରେ ପଶି, ଅଧାବାଟ ଡଙ୍ଗାରେ ଯାଉଛନ୍ତି ଲୋକେ



ଛୋଟ ଡଙ୍ଗାରେ ଲୋକମାନେ ଯାଉଛନ୍ତି।

ବାଲିଆପାଳ, ୧୮।୯(ସ୍ୱ.ପ୍ର)

ସୁବର୍ଣ୍ଣରେଖା ନଦୀରେ ବନ୍ୟାଜଳ ପ୍ରବାହରେ ୫ ପଞ୍ଚାୟତର ୩୦ରୁ ଅଧିକ ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡ଼ିଥିବାରୁ ଲୋକଙ୍କୁ ଡଙ୍ଗାର ସହାୟତା ନେବାକୁ ପଡୁଛି। ଛୋଟ ଡଙ୍ଗାରେ ଲୋକେ ବିପଦସଙ୍କୁଳ ଅବସ୍ଥାରେ ପାର୍ ହେଉଛନ୍ତି। ତଳିଆ ଅଞ୍ଚଳରେ ଲୋକମାନେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କିଣିବା ପାଇଁ ବାଲିଆପାଳ ଏବଂ ସିମୁଳିଆ ମାର୍କେଟ ଉପରେ ନିର୍ଭର କରୁଥିବାରୁ ସେମାନେ ଡଙ୍ଗା ଉପରେ ନିର୍ଭର କରନ୍ତି। ଗାଁ ଭିତରକୁ ଡଙ୍ଗା ଯାଇ ପାରୁ ନ ଥିବାରୁ ଲୋକମାନଙ୍କୁ ଆଣ୍ଠୁଏ ପାଣିରେ ପଶି ଘରୁ ବାହାରିବାକୁ ପଡ଼ିଛି। ପାଣି ଭିତରେ ପଶି ଅଧା କି.ମି. ଯିବା ପରେ ପ୍ରଶାସନ ଯୋଗାଇଥିବା ଡଙ୍ଗାରେ ଆଉ ଅଧା ରାସ୍ତା ପାରି ହେବାକୁ ପଡୁଛି। ଅସ୍ତି ପଞ୍ଚାୟତର ପାଳଚମ୍ପି, ମଧୁପୁର ପଞ୍ଚାୟତର ଚୌଧୁରୀକୁଦ, ଚାରବସ୍ତକାଳରୁଇ ଗ୍ରାମ, ବିଷ୍ଣୁପୁର ପଞ୍ଚାୟତର ସମସ୍ତ ଗ୍ରାମ ବାହ୍ୟଜଗତଠାରୁ ଗୋଟିଏ କି.ମି. ପରିବ୍ୟାପ୍ତ ପାଣିଘେରରେ ରହିଥିବାରୁ ଯାତାୟାତ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସବୁ ଆଡେ ବନ୍ୟାଜଳ ମାଡ଼ି ଯାଇଥିବାରୁ ପରିବା ଚାଷ ନଷ୍ଟ ହୋଇଯାଇଛି। ଫଳରେ ପରିବା ଦର ଆକାଶଛୁଆଁ ହୋଇଛି। ପ୍ରଶାସନ ତରଫରୁ କୌଣସି ଶୁଖିଲା କିମ୍ବା ରନ୍ଧନ ଖାଦ୍ୟ ଯୋଗାଇ ଦିଆ ଯାଇ ନ ଥିବା ଅଭିଯୋଗ ହେଉଥିବା ବେଳେ ସରପଞ୍ଚ ଓ ପଞ୍ଚାୟତ ଅଧିକାରୀମାନେ ଗାଁକୁ ଯାଇ ବନ୍ୟା ସ୍ଥିତି ଅନୁଧ୍ୟାନ କରୁଥିବା ଦେଖିବାକୁ ମିଳିଛି।

## ଦୁର୍ନୀତି ଅଭିଯୋଗରେ ସରପଞ୍ଚ ନିଲମ୍ବିତ

ଜଳେଶ୍ୱର, ୧୮।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ସୁଗୋ ପଞ୍ଚାୟତର ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଅର୍ଥ ଆତ୍ମସାତ ଅଭିଯୋଗରେ ବାଲେଶ୍ୱର ଜିଲା ପଞ୍ଚାୟତ ଅଧିକାରୀ ଚିଠି ନଂ. ୬୩୫ ତା ୧୭।୯।୨୧ରିଖରେ ସରପଞ୍ଚଙ୍କୁ ନିଲମ୍ବିତ କରିଛନ୍ତି। ଦୁର୍ନୀତି ଅଭିଯୋଗ ନେଇ ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା । କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ବାଲେଶ୍ୱର ଜିଲାପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ଓ ଜିଲା ପଞ୍ଚାୟତ ଅଧିକାରୀ ରବିଚନ୍ଦ୍ର କୁଅଁର ସୁଗୋ ପଞ୍ଚାୟତକୁ ଆସି ରେକର୍ଡ଼ପତ୍ର ଯାଞ୍ଚ କରିଥିଲେ । ପଞ୍ଚାୟତର ନଳକୂପ ଖନନ, ସ୍କୁଲ ଖେଳପଡ଼ିଆ, ହାକାଣ୍ଡ ପୋଖରୀ ଘାଟ ନିର୍ମାଣ ଓ ପମ୍ପହାଉସ୍ ବିଦ୍ୟୁତ୍ ଦେୟ ପ୍ରଦାନ, ହରିଶ୍ଚନ୍ଦ୍ର ଯୋଜନାରେ ଅର୍ଥ ପ୍ରଦାନରେ ଅନିୟମିତତା ସହିତ କଣ୍ଟିଜେନ୍ସି ଅର୍ଥ ବିନିଯୋଗରେ ବ୍ୟାପକ ଅନିୟମିତତା ସମ୍ପର୍କରେ ସୁଗୋ ଗ୍ରାମର ରବୀନ୍ଦ୍ର ଜେନା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ୨୦୨୦ ନଭେମ୍ବରରେ ହାଇକୋର୍ଟ ବାଲେଶ୍ୱର ଜିଲାପାଳଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ।

## ତଳିଆ ଅଞ୍ଚଳରେ ଉଜୁଡ଼ିବାକୁ ବସିଛି ଚାଷ

ଭଦ୍ରକ ଅଫିସ, ୧୮।୯

ବୈତରଣୀ ନଦୀର ଜଳସ୍ତର କମୁଛି। ଏବେ ବିପଦ ସଙ୍କେତ ତଳେ ବନ୍ୟାଜଳ ପ୍ରବାହିତ ହେଉଛି। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଆଖୁଆପଦାଠାରେ ବିପଦସଙ୍କେତ ୧୭.୮୩ ମିଟର ଥିବାବେଳେ ୧୭.୬୧ ମିଟରକୁ ଜଳସ୍ତର ଖସିଛି। ଉପରମୁଣ୍ଡରେ ବନ୍ୟାଜଳ ଖସୁଥିବା ବେଳେ ତଳ ମୁଣ୍ଡକୁ ଘେରୁଛି। ଜିଲାର ୧୫ରୁ ଅଧିକ ପଞ୍ଚାୟତ ଏବେବି ବନ୍ୟାପାଣି ଘେରରେ ରହିଛି। ଜିଲାର ପ୍ରମୁଖ ନଦୀ ବୈତରଣୀ ଓ ସାଳନ୍ଦୀର ଜଳସ୍ତର ଅଧିକ ଥିବାବେଳେ ଏହାର ଶାଖାନଦୀ କପାଳି, ଗେଙ୍ଗୁଟି, ନାଳିଆ ଆଦିରେ ବନ୍ୟାଜଳ ପୂରିକି ଅଛି। ଭଣ୍ଡାରିପୋଖରୀ ବ୍ଲକର ନପଙ୍ଗ, ମାଳଦା, ରହଣିଆ, ଷୋଳମପୁର ୪ରୁ ଉର୍ଦ୍ଧ୍ୱ ପଞ୍ଚାୟତ ସହ ଧାମନଗର ବ୍ଲକର ୭ଟି ପଞ୍ଚାୟତ ଯଥା ହସିନାବାଦ, କୋଠାର, ବମକୁରା, ଧୁଷୁରୀ, ସାହସପୁର, ଅର୍ଜୁନପୁର, ରଇପୁର, ତିହିଡି ବ୍ଲକର ୪ ପଞ୍ଚାୟତ ବୋଡ଼କ, ବିଲଣା ବାରୋ ଓ ଶ୍ୟାମସୁନ୍ଦରପୁର ଆଦି ଜଳମଗ୍ନ ହୋଇ ରହିଛି। ହେକ୍ଟର ହେକ୍ଟର ଚାଷଜମି ବନ୍ୟାଜଳରେ ବୁଡ଼ି ରହି ଚାଷ ଉଜୁଡ଼ିବାକୁ ବସିଛି। ତିହିଡ଼ି ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଛି। ଉକ୍ତ ପଞ୍ଚାୟତର ୩ଶହରୁ ଉର୍ଦ୍ଧ୍ୱ ପରିବାର ବର୍ତ୍ତମାନ ପାଣିଘେରରେ ରହିଛନ୍ତି। ଏହି ସମୟରେ ଆଉ ଗୋଟିଏ ଲଘୁଚାପ ହେଲେ ୪ ବ୍ଲକର ୬୦ରୁ ଅଧିକ ପଞ୍ଚାୟତ ଲୋକେ ପ୍ରଭାବିତ ହେବେ। ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି କରାଯାଇଛି। ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍ ଟିମ୍ ସହ ପ୍ରତି ବ୍ଲକରେ ଅଗ୍ନିଶମ ବାହିନୀ ସଜାଗ ଅଛନ୍ତି।


ତିହିଡ଼ି ବ୍ଲକ ବିଲଣା ଗ୍ରାମ ପାଣିଘେରରେ।

# ଗମେଇ, କାଂଶବାଂଶ ଜଳସ୍ତର ବୃଦ୍ଧି: ବ୍ୟାପକ ଅଞ୍ଚଳ ଜଳମଗ୍ନ

ବାସୁଦେବପୁର,୧୮।୯(ଡି.ଏନ.ଏ.)

ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ଦୁଇ ପ୍ରମୁଖ ନଦୀ ଗମେଇ ଓ କାଂଶବାଂଶ ନଦୀର ଜଳସ୍ତର ବଢିବାରେ ଲାଗିଛି। ଗମେଇ ଜଳସ୍ତର ବୃଦ୍ଧି ଯୋଗୁ ପୌରପାଳିକାର ବାଷଠୀ, ବଳିବିନ୍ଧା, ଗୁଆଗାଁ, ଭୈରବପୁର, ରାଧାବଲ୍ଲଭପୁର, ଗୋପାଳପୁର, ପଞ୍ଚୁରିଖି ଆଦି ଗ୍ରାମ ସମେତ ସୁଦର୍ଶନପୁର, ଚୁଡ଼ାମଣି, ଅଡ଼ୁଁଆ, ବରଣ୍ଡିଆ, ନରସିଂହପୁର ଆଦି ପଞ୍ଚାୟତର ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଛି। ପ୍ରାୟ ୧ ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ଚାଷଜମିରେ ବନ୍ୟାପାଣି ଜମିଛି। ଉପରମୁଣ୍ଡର ବଳକା ବର୍ଷାପାଣି ଏବେ ତଳମୁହାଁ ହେଉଥିବା ବେଳେ ଆଗକୁ ଆଉ ଏକ ଲଘୁଚାପ ଥିବାରୁ ଏହି ନଦୀର ଜଳସ୍ତର ଆହୁରି ବଢ଼ିବାର ଆଶଙ୍କା ଦେଖାଦେଇଛି। କାଂଶବାଂଶ ନଦୀରେ ବନ୍ୟା ଆସିବା ଫଳରେ ବାସୁଦେବପୁର ନିର୍ବାଚନମଣ୍ଡଳୀର ଜଗନ୍ନାଥପୁର, ପଡ଼ୁଆଁ, କୁମାରପୁର ଆଦି ପଞ୍ଚାୟତର ଶତାଧିକ ହେକ୍ଟର ଚାଷଜମି ଜଳମଗ୍ନ। ଅତ୍ୟଧିକ ପରିମାଣରେ ବର୍ଷା ଯୋଗୁ ବ୍ୟାପକ ପନିପରିବା ଫସଲ ନଷ୍ଟ ହୋଇଛି। ଜମି ମଧ୍ୟ ବନ୍ୟାପାଣିରେ ବୁଡ଼ି ରହିଥିବାରୁ ଧାନ ଫସଲ ନଷ୍ଟ ହେବାର ଆଶଙ୍କା ପ୍ରକାଶ କରିଛନ୍ତି ଚାଷୀ। ଗମେଇ ଓ କାଂଶବାଂଶ ନଦୀର ଜେଟିଠାରୁ ସମୁଦ୍ର ମୁହାଣ ପର୍ଯ୍ୟନ୍ତ ପୋତି ହୋଇପଡ଼ିଥିବାରୁ ବଳକା ବର୍ଷାଜଳ ନିଷ୍କାସନ କ୍ଷେତ୍ରରେ ଏହା ମୁଖ୍ୟ ପ୍ରତିବନ୍ଧକ ସାଜୁଛି।

## ଅତଡ଼ା ଖସିଥିବା ସ୍ଥାନ ଦେଖିଲେ ମୁଖ୍ୟଯନ୍ତ୍ରୀ

ଜଳେଶ୍ୱର,୧୮।୯(ଡି.ଏନ.ଏ.)

ବାଲେଶ୍ୱର ଜିଲାର ଜଳେଶ୍ୱର ନିକଟ ସୁବର୍ଣ୍ଣରେଖା ନଦୀର ଗୁରୁଦାସ ସେତୁ ସନ୍ନିକଟସ୍ଥ ନଦୀବନ୍ଧରେ ଗତ ଶୁକ୍ରବାର ସନ୍ଧ୍ୟାରେ ପ୍ରାୟ ୪୦ମିଟର ଲମ୍ବର ଅତଡ଼ା ଖସିଥିଲା। ଶିଖରପୁରଠାରୁ ଲକ୍ଷ୍ମଣନାଥ ପର୍ଯ୍ୟନ୍ତ ଟେଷ୍ଟ ରିଲିଫ ନଦୀବନ୍ଧର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଥିବାରୁ ବିଧାୟକ ଅଶ୍ୱିନୀ ପାତ୍ର ବାରିପଦାସ୍ଥିତ ସୁବର୍ଣ୍ଣରେଖା ଜଳସେଚନା ପ୍ରକଳ୍ପର ମୁଖ୍ୟଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶନିବାର ମୁଖ୍ୟଯନ୍ତ୍ରୀ ଇଂ. ତରଣୀସେନ ଧଳ ନଦୀବନ୍ଧ ବୁଲି ଦେଖିଛନ୍ତି । ଶୁକ୍ରବାର ରାତିରେ ଅନ୍ୟ ଏକ ଅତଡ଼ା ଖସିବା ଦ୍ୱାରା ୬୦ ମିଟର ନଦିବନ୍ଧ ପ୍ରତି ବିପଦ ସୃଷ୍ଟି ହୋଇଛି । ସେଠାରେ ବାଉଁଶ ପୋତି ବାଲି ବସ୍ତା ପକାଇ ତୁରନ୍ତ ଅସ୍ଥାୟୀ ମରାମତି କରିବାକୁ ଅଧିକ୍ଷଣ ଯନ୍ତ୍ରୀ ପ୍ରଭାସଚନ୍ଦ୍ର ପ୍ରଧାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବନ୍ଧର ଘଳିଆ ପଡ଼ିଥିବା, ବନ୍ଧ ଫାଟି ବିପଦ ସୃଷ୍ଟି କରିଥିବା ସ୍ଥାନରେ ମରାମତି କରିବାକୁ ସେ କହିଛନ୍ତି । ମୁଖ୍ୟଯନ୍ତ୍ରୀ ଧଳ ମାକିଡ଼ିଆ, କୁଅଁରପୁର ଯାଇ ସେଠାରେ ପୂର୍ବରୁ ହୋଇଥିବା ପଥରପ୍ୟାକିଂ ଓ ସ୍ପରଗୁଡିକୁ ବୁଲି ଦେଖିଥିଲେ। ଏହାପରେ ସେ ଜଳ ସମ୍ପଦ ବିଭାଗର ଜଳେଶ୍ୱର କାର୍ଯ୍ୟାଳୟଠାରେ ସହକାରୀ ନିର୍ବାହୀଯନ୍ତ୍ରୀ ଇଂ. ପ୍ରିୟବ୍ରତ ସିଂ, ସହକାରୀ ଯନ୍ତ୍ରୀ ଧୀରେନ୍ଦ୍ର ଦାସ, ବିଧାୟକ ଅଶ୍ୱିନୀ ପାତ୍ର, ପ୍ରତାପ କୁମାର ପ୍ରଧାନ ପ୍ରମୁଖ ନଦୀବନ୍ଧ ସୁରକ୍ଷା ନେଇ ସମୀକ୍ଷା କରିଥିଲେ।


ଅତଡ଼ା ଖସିଥିବା ସ୍ଥାନ ଦେଖିଲେ ଜଳସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀ ତରଣୀସେନ ଧଳ ।

# ଜଣେ ଶିକ୍ଷକରେ ଚାଲିଛି ବିଦ୍ୟାଳୟ

- ଶିକ୍ଷା ବିଭାଗର ନିର୍ଦ୍ଦେଶକୁ ବେଖାତିର
- ଅଭିଭାବକ ମହଲରେ ଅସନ୍ତୋଷ

ସିମୁଳିଆ, ୧୮।୯(ଡି.ଏନ.ଏ.)

ମହାମାରୀ କରୋନାକୁ ଦୃଷ୍ଟିରେ ରଖି ସରକାର ନବମ ଓ ଦଶମ ଶ୍ରେଣୀ ଖୋଲିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ତେବେ ଜଣେ ଶିକ୍ଷକଙ୍କୁ ନେଇ ଚାଲିଥିବା ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ମୁରୁଣା କ୍ଲଷ୍ଟର ଅଧିନରେ ଥିବା ଦୋଳଗୋବିନ୍ଦ ହାଇସ୍କୁଲରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଶିକ୍ଷା ବିଭାଗ ଯୋଗ୍ୟତା ଭିତ୍ତିରେ ନିକଟରେ ଥିବା ଦୁଇଟି ପ୍ରାଥମିକ ବିଦ୍ୟାଳୟର ୪ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଏହି ହାଇସ୍କୁଲରେ ଶିକ୍ଷାଦାନ ପଇଁ ନିର୍ଦ୍ଦେଶ ଦେଇଥିଲେ ହେଁ ସମ୍ପୃକ୍ତ ଶିକ୍ଷକମାନେ ଏହାକୁ ବେଖାତିର କରି ବା ବିଭିନ୍ନ ଆଳ ଦେଖାଇ ସ୍କୁଲକୁ ଯାଉ ନ ଥିବା ଜଣାଯାଇଛି । ଏହାକୁ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ।

ଚଳିତବର୍ଷ ଜୁଲାଇ ୧୬ରେ ଦଶମ ଓ ଅଗଷ୍ଟ ୯ରେ ନବମ ଶ୍ରେଣୀ ଖୋଲିବା ପାଇଁ ସରକାର ନିର୍ଦ୍ଦେଶ ଦେଇଥିଲେ। ଦୋଳଗୋବିନ୍ଦ ହାଇସ୍କୁଲରେ ନବମରେ ୬୪ ଓ ଦଶମରେ ୫୭ଜଣ ମୋଟ ୧୨୧ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି । ତେବେ ଏହି ବିଦ୍ୟାଳୟର ନରେନ୍ଦ୍ରନାଥ ପଣ୍ଡା ନାମକ ଜଣେ ଶିକ୍ଷକ ପ୍ରମୋଶନରେ ସୋର ଅଞ୍ଚଳର ଏକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ପଦୋନ୍ନତି ପାଇଥିବା ବେଳେ ଶ୍ୟାମସୁନ୍ଦର ନାୟକ ନାମକ ଅନ୍ୟ ଜଣେ ଶିକ୍ଷକ ଟ୍ୟୁମର ରୋଗରେ ଆକ୍ରାନ୍ତ। ତେଣୁ ପ୍ରଧାନ ଶିକ୍ଷକ ବିଜୟ କୁମାର ପୃଷ୍ଟି ଏକମାତ୍ର ଶିକ୍ଷକ ଭାବେ ଉଭୟ ନବମ ଓ ଦଶମ ଶ୍ରେଣୀରେ ଶିକ୍ଷାଦାନ କରୁଛନ୍ତି । ଏହାକୁ ଦୃଷ୍ଟିରେ ରଖି ଜିଲା ଶିକ୍ଷା ଅଧିକାରୀ ଗତ ୧୭।୮।୨୧ ଚିଠି ନଂ. ୧୦୦୬୨ରେ ଯୋଗ୍ୟତା ଭିତ୍ତିରେ ନିକଟରେ ଥିବା ଗୋବିନ୍ଦପୁର ୟୁଜିୟୁପି ବିଦ୍ୟାଳୟର ଜଣେ ଓ ମୁରୁଣା ୟୁଜିୟୁପିର ୩ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଦୋଳଗୋବିନ୍ଦ ହାଇସ୍କୁଲରେ ଶିକ୍ଷାଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ବ୍ଲକ ଶିକ୍ଷା ଅଧିକାରୀ ଗତ ୬।୯।୨୧ ପତ୍ର ସଂଖ୍ୟା ୧୮୮୭ରେ ପୁନଃ ନିର୍ଦ୍ଦେଶ ଦେଇଥିଲେ ହେଁ ଉକ୍ତ ଶିକ୍ଷୟିତ୍ରୀଶିକ୍ଷକମାନେ ଏହାକୁ ବେଖାତିର କରି ବିଭିନ୍ନ ଆଳ ଦେଖାଇ ଉକ୍ତ ବିଦ୍ୟାଳୟକୁ ଶିକ୍ଷାଦାନ କରିବା ପାଇଁ ଯାଉନାହାନ୍ତି। ଏ ସମ୍ପର୍କରେ ଦୋଳଗୋବିନ୍ଦ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଜୟ କୁମାର ପୃଷ୍ଟି କୁହନ୍ତି, ଦୁଇଟି ଶ୍ରେଣୀରେ ଶିକ୍ଷାଦାନ କରିବା ତାଙ୍କ ପାଇଁ କଷ୍ଟକର ହୋଇପଡୁଛି। ଗୋଟିଏ ଶ୍ରେଣୀରେ ଶିକ୍ଷାଦାନ କଲେ ଅନ୍ୟ ଶ୍ରେଣୀକୁ ଚତୁର୍ଥ ଶ୍ରେଣୀ କର୍ମଚାରୀ ଜଗୁଛନ୍ତି। ଏ ସମ୍ପର୍କରେ ବ୍ଲକ ସହ ଶିକ୍ଷା ଅଧିକାରୀ ଲମ୍ବୋଦର ସିଂ କହିଛନ୍ତି ଯେ, ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ ବନ୍ଦ ରହିଛି । ତେଣୁ ଏହି ୪ଜଣ ସେଠାରେ ଶିକ୍ଷାଦାନ କରିପାରନ୍ତେ । ଆଳ ଦେଖାଇ ସେମାନେ ଯାଉ ନ ଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଅପରପକ୍ଷେ ନିର୍ଦ୍ଦେଶ ପାଇ ଯାଉ ନ ଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ କହିଛନ୍ତି, ଏତେ କମ୍ ଦରମାରେ ହାଇସ୍କୁଲ ଯାଇ ଶିକ୍ଷାଦାନ କରିବାକୁ ସେମାନେ ଅନିଚ୍ଛୁକ। କାର୍ଯ୍ୟାନୁଷ୍ଠାନ ହେଲେ ସେମାନେ ବାଧ୍ୟ ହୋଇ ଆଇନର ଆଶ୍ରୟ ନେବେ।


ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଶିକ୍ଷାଦାନ କରୁଛନ୍ତି।

# ୨ ରାଜପଥ ଲୁଟେରା କୋର୍ଟ ଚାଲାଣ

ଭଣ୍ଡାରିପୋଖରୀ,୧୮।୯(ଡି.ଏନ.ଏ)-ଭଦ୍ରକ ଜିଲା ଭଣ୍ଡାରିପୋଖରୀ ପୋଲିସ ପାଟ୍ରୋଲିଂ ସମୟରେ ରାଜପଥରୁ ୨ ଲୁଟେରାଙ୍କୁ ଧରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଯାଜପୁର ଜିଲା ଯଖପୁରା ଅଞ୍ଚଳର ଦେବେନ୍ଦ୍ର ନାୟକ ଓ ଭଦ୍ରକ ଜିଲା ବାସୁଦେବପୁର ସାବାରପୁର ଅଞ୍ଚଳର ଏହେସାନ ଖାଁ। ସେମାନଙ୍କଠାରୁ ୨ମୋବାଇଲ, ମନିପର୍ସ ଓ ୧୧ଶହ ଟଙ୍କା ଜବତ କରିଛି। ଥାନାରେ ମାମଲା (ନଂ.୨୭୯/୨୧) ରୁଜୁ ହୋଇଛି।

# ହକି ଲାଗି ଜିଲା ପ୍ରଶାସନର ପ୍ରସ୍ତୁତି

ବାରିପଦା ଅଫିସ,୧୮।୯

ଜାତୀୟ ଖେଳ ହକିରେ ଓଡିଶାର ଖେଳାଳିମାନେ ବିଶ୍ୱ ସ୍ତରରେ ସ୍ୱତନ୍ତ୍ର ପରିଚୟ ହାସଲ କରିଛନ୍ତି। ଗତ ଅଲମ୍ପିକ ପ୍ରତିଯୋଗିତାରେ ଭାରତୀୟ ହକିର ଉଭୟ ମହିଳା ଓ ପୁରୁଷ ଦଳର ଉଲ୍ଲେଖନୀୟ କୃତିତ୍ୱ ଅର୍ଜନ ପରେ ସମସ୍ତ ଶ୍ରେୟ ଓଡିଶାକୁ ମିଳିଛି। ତେବେ ଆଗାମୀ ୨୦୨୩ ପୁରୁଷ ବିଶ୍ୱକପ ପୂର୍ବରୁ ଓଡିଶାର ପ୍ରତି ଜିଲାରେ ଏହି ଖେଳର ପ୍ରତିଭାମାନଙ୍କୁ ଖୋଜି ବାହାର କରି ସେମାନଙ୍କୁ ଶ୍ରେଷ୍ଠ ହକି ଖେଳାଳି ଭାବେ ଗଢି ତୋଳିବାର ପ୍ରୟାସ ଆରମ୍ଭ ହୋଇଛି । ଜିଲାମାନଙ୍କରେ ହକି ଖେଳ ପାଇଁ ଭିତ୍ତିଭୂମି ପ୍ରସ୍ତୁତି ଠାରୁ ଆରମ୍ଭ କରି ସମସ୍ତ ପ୍ରକାର ପ୍ରୋତ୍ସାହନ ଯୋଗାଇ ଦେବା ନିମନ୍ତେ ସରକାର କାର୍ଯ୍ୟାରମ୍ଭ କରିଛନ୍ତି।

ଏ ନେଇ ମୟୂରଭଞ୍ଜ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ଯବସ୍ଥା ଗ୍ରହଣ କରାଯାଉଛି। ଏଥି ନିମନ୍ତେ ଆବଶ୍ୟକ ଅନୁଦାନ ପାଣ୍ଠିର ସୁବିନିଯୋଗ ପାଇଁ ଏକ କମିଟି ଗଠନ କରାଯାଇ ବ୍ୟାଙ୍କରେ ଆକାଉଣ୍ଟ ଖୋଲାଯାଇଛି। ଜିଲା କ୍ରୀଡା ଅଧିକାରୀ, କ୍ରୀଡାବିତ୍, ଖେଳ ଶିକ୍ଷୟିତ୍ରୀ ଶିକ୍ଷକ, ବରିଷ୍ଠ ନାଗରିକ ଓ ଖେଳ ପ୍ରେମୀ ମାନେ କମିଟିର ସଦସ୍ୟ ରହିଛନ୍ତି। ଜିଲାପାଳ ବିନୀତ ଭରଦ୍ୱାଜ କମିଟିର ଚେୟାରମ୍ୟାନ ଥିବା ବେଳେ ଅତିରିକ୍ତ ଜିଲାପାଳ ପ୍ରକାଶ ଚନ୍ଦ୍ର ବେହେରା ସମ୍ପାଦକ ଭାବେ ଦାୟିତ୍ୱ ବହନ କରୁଛନ୍ତି । ପରବର୍ତ୍ତୀ ସମୟରେ ଜିଲାର ଉପଖଣ୍ଡ ସ୍ତରରେ କମିଟି ଗଠନ କରାଯିବାକୁ ଥିବା ବେଳେ ସମସ୍ତଙ୍କୁ ନେଇ ଏକ ପୂର୍ଣ୍ଣାଙ୍ଗ କମିଟି ଗଠନ କରାଯିବ। ହକି ଖେଳ ପ୍ରତି ଆଗ୍ରହ ପ୍ରକାଶ କରୁଥିବା ଖେଳାଳିଙ୍କୁ ଉତ୍ତମ ତାଲିମ ପ୍ରଦାନ ସହିତ ଖେଳ ନିମନ୍ତେ ଉତ୍କୃଷ୍ଟ ପଡିଆ, ଖେଳ ସରଞ୍ଜାମ, ନୂତନ ଜ୍ଞାନ କୌଶଳ ଓ ସ୍ୱତନ୍ତ୍ର ପ୍ରଶିକ୍ଷକଙ୍କ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଉଛି ।

# ବୈତରଣୀରେ ହାତୀ ଭାସିବା ନେଇ ଗୁଜବ

କରଞ୍ଜିଆ ୧୮।୯(ଡି.ଏନ.ଏ.): ବୈତରଣୀ ନଦୀରେ ହାତୀ ଭାସୁଥିବା ଖବର ଶନିବାର ପ୍ରଚାର ହୋଇଥିଲା। ଏହା ଜାଣିବାପରେ କରଞ୍ଜିଆ ରେଞ୍ଜର ପ୍ରବୀର କୁମାର ମୁର୍ମୁ କରଞ୍ଜିଆ ଅଗ୍ନିଶମ ବିଭଗକୁ ଖବର ଦେଇଥିଲେ। ବନବିଭାଗ ଓ ଶୁକ୍ଳି ଅଗ୍ନିଶମ ବିଭାଗ ମିଳିତ ଭାବେ ସକାଳୁ ନଦୀରେ ଖୋଜାଖୋଜି କରି ନୟାନ୍ତ ହେବାପରେ ଏହା ମୃତ କୁକୁର ଥିବା ଜଣାପଡ଼ିଥିଲା। କୁକୁରଟି ଫୁଲିଯାଇଥିବାରୁ ହାତୀଛୁଆ ପରି ଦେଖାଯାଉଥିଲା। ଅଗ୍ନିଶମ ଅଧିକାରୀ ନରେନ୍ଦ୍ର ରାଉତ ଏପରି ଗୁଜବ ନ କରିବାକୁ ପରାମର୍ଶ ଦେଇଛନ୍ତି।

# ଯୁବକଙ୍କୁ ଆକ୍ରମଣ ଘଟଣା: ଜଣେ ଗିରଫ

ପଦ୍ମପୁର, ୧୮।୯(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ କରଞ୍ଜୀଆଡ଼ିଆ ଗ୍ରାମର ପ୍ରଫୁଲ୍ଲ କୁମାର ପୁହାଣଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଗଦେଇବିନ୍ଧା ଗ୍ରାମର ଆଲୋକ ନାୟକ। ଆଲୋକ ଅନ୍ୟ ଅଭିଯୁକ୍ତମାନଙ୍କ ସହ ମିଶି ପ୍ରଫୁଲ୍ଲଙ୍କୁ ଆକ୍ରମଣ କରିଥିଲେ। ଏଥିସହ କାର୍ ଯୋଗେ ଭଦ୍ରକ ଡାକ୍ତରଖାନାକୁ ଯାଇ ତାଙ୍କୁ ହତ୍ୟା ଧମକ ଦେବା ସହ ଭଡ଼ାଘରଠାରେ ପହଞ୍ଚି ତାଙ୍କ ସ୍ତ୍ରୀ ଓ ପୁଅକୁ ମାରିବାକୁ ଧମକ ଦେଇଥିଲେ।

ସୂଚନାଯୋଗ୍ୟ, ଗତ ୮ ତାରିଖ ସନ୍ଧ୍ୟାରେ ପ୍ରଫୁଲ୍ଲ ସ୍ଥାନୀୟ କଲେଜ ଛକ ନିକଟରେ ବସିଥିବା ବେଳେ ସଂଘବଦ୍ଧ ଆକ୍ରମଣ କରାଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଚିକିତ୍ସା ପାଇଁ ପ୍ରଥମେ ବାସୁଦେବପୁର, ଭଦ୍ରକ ଓ ପରେ କଟକ ଡାକ୍ତରଖାନାକୁ ନିଆଯାଇଥିଲା। ଏନେଇ ଅଭିଯୋଗ କ୍ରମେ ନାୟକାଣିଡିହୀ ଥାନାରେ ଏକ ମାମଲା(ନଂ.୨୨୫/୨୧) ରୁଜୁ ହୋଇଥିଲା। ଘଟଣାର ତଦନ୍ତ କରି ନାୟକାଣିଡିହୀ ଥାନାଧିକାରୀ ସୁଶାନ୍ତ କୁମାର ମିଶ୍ର ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲେ। ଥାନାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏଏସ୍ଆଇ ବିଜୟ କୁମାର ଦାସମହାପାତ୍ର ଅନ୍ୟ ପୋଲିସ କର୍ମଚାରୀଙ୍କ ସହ ଗଦେଇବିନ୍ଧା ଗ୍ରାମରେ ଚଢ଼ାଉ କରି ଆଲୋକଙ୍କୁ ତାଙ୍କ ଘରୁ ଧରିଥିଲେ। ଶନିବାର ଅପରାହ୍ନରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ହାତୀ ପାଇଁ ଜୀବନ ଗଲା

ଚିତ୍ରଡ଼ା, ୧୮।୯(ଡି.ଏନ.ଏ)-ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବନାଞ୍ଚଳରେ ହାତୀ ଆତଙ୍କ ଥମିବାର ନାଁ ଧରୁନି। ପୁଣି ହାତୀ ପାଇଁ ଜଣେ ବାଳକଙ୍କ ଜୀବନ ଯାଇଛି। ମୃତକ ହେଲେ ରାସଗୋବିନ୍ଦପୁର ଥାନା ଅଧୀନ ନଳଗଜା ପଞ୍ଚାୟତ ଉପର ମଧୁରିଆ ଗ୍ରାମର ଫାତାଇ ମୁର୍ମୁଙ୍କ ପୁଅ ଚନ୍ଦନ(୧୨)। ସୂଚନା ଅନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତିରେ ଦୁଇଟି ହାତୀ ଖାଦ୍ୟ ଅନ୍ୱେଷଣରେ ଆସି ଫାତାଇଙ୍କ ଘର କାନ୍ଥକୁ ଭୁଷା ମାରିଥିଲେ। ଫଳରେ ବାପା ଓ ମା' ଭୟରେ ବାହାରକୁ ଦୌଡ଼ି ପଳାଇଥିବା ବେଳେ ଚନ୍ଦନ ଘର ଭିତରେ ରହିଯାଇଥିଲେ। ହାତୀ ଭୁଷା ମାରିବାରୁ ମାଟି କାନ୍ଥଟି ଭାଙ୍ଗି ଚନ୍ଦନଙ୍କ ଉପରେ ପଡ଼ି ଯାଇଥିଲା। କାନ୍ଥ ତଳେ ଚାପି ହୋଇ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା।



ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ଗଦି ଓ ବିନାୟକପୁର ସେବା ସମବାୟ ସମିତି ଅଧୀନରେ ସମସ୍ତ ଚାଷୀଙ୍କ ସୁଖ ଓ ସମୃଦ୍ଧି କାମନା କରୁଛି।
ବନମାଳୀ ମହାକୁଡ
ସମ୍ପାଦକ, ଗଦି, ବିନାୟକପୁର ସେବା ସମବାୟ ସମିତି, ବାସୁଦେବପୁର


ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ମାଟିପକା ସେବା ସମବାୟ ସମିତି ଅଧୀନ ସମସ୍ତ ଚାଷୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ଧର୍ମନାରାୟଣ ଜେନା
ସମ୍ପାଦକ, ମାଟିପକା ସେବା ସମବାୟ ସମିତି, ବାସୁଦେବପୁର


ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ଅରଣ୍ଡୁଆ ପଞ୍ଚାୟତବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ଅରୁଣ କୁମାର ମହାନ୍ତି
ସରପଞ୍ଚ, ଅରଣ୍ଡୁଆ, ବାସୁଦେବପୁର


ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ଚରମ୍ପା ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ବ୍ରଜକିଶୋର ବଳ
ଅଧ୍ୟକ୍ଷ, ଚରମ୍ପା ମହାବିଦ୍ୟାଳୟ, ଭଦ୍ରକ


ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ବାସୁଦେବପୁର ବ୍ଲକ୍‌ବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ଜଗବନ୍ଧୁ ଖିଲାର
ବାସୁଦେବପୁର ବ୍ଲକ ଯୁବ ବିଜେଡି ସଭାପତି


ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ପଦ୍ମପୁର, ସୁଗୋ ଓ ଏଡତାଳ ସେବା ସମବାୟ ସମିତିର ସମସ୍ତ ଚାଷୀଙ୍କ ସୁଖ, ସମୃଦ୍ଧି ଓ ନୀରୋଗ କାମନା କରୁଛି।
ଅନିରୁଦ୍ଧ ନାୟକ
ସମ୍ପାଦକ, ପଦ୍ମପୁର, ସୁଗୋ ଓ ଏଡତାଳ ସେବା ସମବାୟ ସମିତି, ବାସୁଦେବପୁର


ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ଲୁଙ୍ଗା ପଞ୍ଚାୟତବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
କାହ୍ନୁଚରଣ ମଲ୍ଲିକ
ସରପଞ୍ଚ, ଲୁଙ୍ଗା ଗ୍ରାମପଞ୍ଚାୟତ, ବାସୁଦେବପୁର


ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ବ୍ରାହ୍ମଣୀଗାଁ ପଞ୍ଚାୟତବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ହରିହର ଶିଆଳ
ସରପଞ୍ଚ, ବ୍ରାହ୍ମଣୀଗାଁ ପଞ୍ଚାୟତ, ବାସୁଦେବପୁର


ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ନାୟକାଣିଡିହୀ ପଞ୍ଚାୟତବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ବଂଶୀଧର ବିଶ୍ୱାଳ
ସରପଞ୍ଚ, ନାୟକାଣିଡିହୀ ପଞ୍ଚାୟତ, ବାସୁଦେବପୁର


ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ଗୁଆଗଡ଼ିଆ ପଞ୍ଚାୟତବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ଲଳିତା ନାୟକ
ସରପଞ୍ଚ, ଗୁଆଗଡ଼ିଆ ଗ୍ରାମପଞ୍ଚାୟତ, ବାସୁଦେପୁର


ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ଭଦ୍ରକ ଜିଲ୍ଲାର ଆଇନ ଶୃଙ୍ଖଳା ରକ୍ଷା ପାଇଁ ଜିଲ୍ଲାବାସୀଙ୍କୁ ଅନୁରୋଧ।
ଇନ୍ସପେକ୍ଟର ଗଣେଶ୍ୱର ପ୍ରଧାନ
ଜିଲ୍ଲା ପୋଲିସ କାର୍ଯ୍ୟାଳୟ, ଭଦ୍ରକ


ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ବାସୁଦେବପୁରବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ଦୀନବନ୍ଧୁ ଦାସ
ବ୍ଲକ ବିଜେଡି ସଭାପତି ତଥା ସରପଞ୍ଚ, ପଦୁଆଁ ଗ୍ରାମପଞ୍ଚାୟତ, ବାସୁଦେବପୁର


ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ବ୍ରାହ୍ମଣୀଗାଁ ସେବା ସମବାୟ ସମିତିର ସମସ୍ତ ଚାଷୀଭାଇମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ଦାଶରଥି ପାଣିଗ୍ରାହୀ
ସମ୍ପାଦକ, ବ୍ରାହ୍ମଣୀଗାଁ ସେବା ସମବାୟ ସମିତି, ବାସୁଦେବପୁର


ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ଲକ୍ଷ୍ମୀଦାସପୁର ପଞ୍ଚାୟତବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ବୁଧିରାମ ସେଠୀ
ସରପଞ୍ଚ, ଲକ୍ଷ୍ମୀଦାସପୁର ଗ୍ରାମପଞ୍ଚାୟତ, ବାସୁଦେବପୁର


ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ସାହାଡ଼ା ପଞ୍ଚାୟତବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ହୀରାଲାଲ ମୁଦୁଲି
ଯୁବନେତା, ସାହାଡ଼ା ଗ୍ରାମପଞ୍ଚାୟତ, ଭଦ୍ରକ


ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ବାହାବଳପୁର ସାମୁଦ୍ରିକ ଥାନା ଅଧୀନ ଜନସାଧାରଣଙ୍କୁ ଆଇନ ଶୃଙ୍ଖଳା ରକ୍ଷା ପାଇଁ ପୋଲିସକୁ ସହଯୋଗ କରିବାକୁ ଅନୁରୋଧ।
ଇନ୍ସପେକ୍ଟର ମଧୁମିତା ମହାନ୍ତି
ଥାନାଧିକାରୀ, କଷାଫଳ, ବାହାବଳପୁର ସାମୁଦ୍ରିକ ଥାନା, ବାଲେଶ୍ୱର



ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ବିଷ୍ଣୁବ୍ରତ ରାଉତରାୟ
ବିଧାୟକ, ବାସୁଦେବପୁର


ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ବାହାନଗା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ବିନୋଦ କୁମାର ମହାରଣା
ଅଧ୍ୟକ୍ଷ, ବାହାନଗା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବାଲେଶ୍ୱର


ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ଅଢୁଆଁ ପଞ୍ଚାୟତବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ଗିରିଶ ଚନ୍ଦ୍ର ସାମଲ
ସରପଞ୍ଚ, ଅଢୁଆଁ ଗ୍ରାମପଞ୍ଚାୟତ, ବାସୁଦେବପୁର


ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ବାସୁଦେବପୁର ବ୍ଲକର ସମସ୍ତ ଛାତ୍ରଛାତ୍ରୀ ଓ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
କାଳନ୍ଦୀ ସାହୁ
ଛାତ୍ର ବିଜେଡି ସଭାପତି, ବାସୁଦେବପୁର


ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ବାହାବଳପୁର ପଞ୍ଚାୟତବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ବିପିନ ବେହେରା
ସରପଞ୍ଚ, ବାହାବଳପୁର ପଞ୍ଚାୟତ, ତିହିଡ଼ି


ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ବିରସ ଗ୍ରାମପଞ୍ଚାୟତବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ଦୟାନିଧି ଦାସ
ସରପଞ୍ଚ, ବିରସ ଗ୍ରାମପଞ୍ଚାୟତ, ବାସୁଦେବପୁର


ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ଆଢୋଳା ପଞ୍ଚାୟତବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ମାମିନା ଖିଲାର
ସରପଞ୍ଚ, ଆଢୋଳା ଗ୍ରାମପଞ୍ଚାୟତ, ବାସୁଦେବପୁର


ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ଲକ୍ଷ୍ମୀଦାସପୁର ଗ୍ରାମପଞ୍ଚାୟତବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
କୃଷ୍ଣଚନ୍ଦ୍ର ଘଡ଼େଇ
ସାମାଜିକ କର୍ମୀ ଓ ଯୁବ ବ୍ୟବସାୟୀ, ଲକ୍ଷ୍ମୀଦାସପୁର ଗ୍ରାମପଞ୍ଚାୟତ, ବାସୁଦେବପୁର

## ମୂଷାମରା ଔଷଧ ଖାଇ ନାବାଳିକା ମୃତ

**ପାଟଣା ,(ସ୍ୱ. ପ୍ର.):** କେନ୍ଦୁଝର ଜିଲା ପାଟଣା ଥାନା କୁଣ୍ଡଳା ପଞ୍ଚାୟତ ନୂଆବନ୍ଧ ଗାଁର ଜଣେ ସସ୍ମିତା ମହାନ୍ତ ନାମ୍ନୀ ଜଣେ ନାବାଳିକା ମୂଷାମରା ଔଷଧ ଖାଇ ଶନିବାର ମୃତ୍ୟୁବରଣ କରିଛନ୍ତି। ପାରିବାରିକ କଳହକୁ ନେଇ ସସ୍ମିତା ମୁଷାମରା ଔଷଧ ଖାଇଥିବା ପରିବାର ଲୋକେ କହିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ ଓ ପରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ଶନିବାର ତାଙ୍କର ମୃତ୍ୟୁ ଘଟିଛି। ଏନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୯/୨୧) ରୁଜୁ ହୋଇଛି।

## ଜାତୀୟ ସେବା ଯୋଜନାର ଜିଲା ସହ-ସଂଯୋଜକ ନିଯୁକ୍ତ

ବାରିପଦା ଅଫିସ, ୧୮।୯- ମୟୂରଭଞ୍ଜ ଜିଲାର ଚୈତନ୍ୟ ପ୍ରସାଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଓଡିଆ ବିଭାଗର ବରିଷ୍ଠ ଅଧାପକ ଡ. ଚନ୍ଦ୍ରଶେଖର ମହାନ୍ତଙ୍କୁ ଉଚ୍ଚ ଶିକ୍ଷା ବିଭାଗ ତରଫରୁ ଜିଲାର ଜାତୀୟ ସେବା ଯୋଜନା ସହ ସଂଯୋଜକ ଭାବେ ନିଯୁକ୍ତ ପ୍ରଦାନ କରାଯାଇଛି। ଏଥିପାଇଁ ଉକ୍ତ ବିଦ୍ୟାଳୟର ଅଧକ୍ଷ ଜ୍ଞାନେନ୍ଦ୍ର ନାଥ ଦତ୍ତ ଏବଂ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ଯୁଝାରସିଂ ଓ ଅନୁଷ୍ଠାନର ସମସ୍ତ ଅଧାପିକା ଅଧାପକଙ୍କ ସହ ସମସ୍ତ କର୍ମଚାରୀ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ବନ୍ୟାପାଣିରେ ଶତାଧିକ ହେକ୍ଟର ଧାନ ଜମି

ପଦ୍ମପୁର,୧୮।୯(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ପଦ୍ମପୁର ପଞ୍ଚାୟତର ସର୍ତ୍ତରପୁର, ଅଗାପୁର, ଜଗନ୍ନାଥପ୍ରସାଦ ପଞ୍ଚାୟତର ଦଧିବାମନପୁର, ସୁଗୋ ପଞ୍ଚାୟତର କୁସୁନବିନ୍ଧା, କଲ୍ୟାଣପୁର, କାଞ୍ଚିଖିଆ, ଭଦ୍ରକ ସଦର ବ୍ଲକର ସାହାଡ଼ା ପଞ୍ଚାୟତର ହରିପୁର, ସାହାଡ଼ା, ଧର୍ମସରଣବିନ୍ଧା, ବାଲିମେଦ ପଞ୍ଚାୟତର ଖସରବେଢ଼ି, ଆନ୍ଦୋଳା ପଞ୍ଚାୟତର ବିଭିନ୍ନ ଗ୍ରାମର ଶତାଧିକ ହେକ୍ଟର ଚାଷଜମି ବନ୍ୟାଜଳରେ ବୁଡ଼ିଛି। ଗତ ଏକ ସପ୍ତାହ ଧରି ହୋଇଥିବା ଲଗାଣ ବର୍ଷା ଯୋଗୁ ମନ୍ତେଇ, ଧଳା, କଞ୍ଚୁଡ଼ି, କାଂଶବାଂଶ, ଧନ୍ତେରୀ ଆଦି ନଦୀରେ ବନ୍ୟାଜଳ ପ୍ରବାହିତ ହେଉଛି। ବର୍ଷା ଅଭାବ ଯୋଗୁ ଧାନ ଫସଲ ନଷ୍ଟ ହେବାକୁ ବସିଥିବା ବେଳେ ଲଘୁଚାପଜନିତ ବର୍ଷା ହେତୁ ଚାଷୀକୂଳ ଆଶ୍ୱସ୍ତି ଲାଭ କରିଥିଲେ। ହେଲେ ଲଗାତର ବର୍ଷା ହେତୁ ଅଞ୍ଚଳର ଶହ ଶହ ହେକ୍ଟର ଚାଷଜମି ଉପରେ ଏବେ ୨ ଫୁଟରୁ ଊର୍ଦ୍ଧ୍ୱ ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ ଧାନ ଫସଲ ପଚିଯିବାକୁ ବସିଛି। ଅପରପକ୍ଷେ ପୁଣି ଏକ ଲଘୁଚାପ ସୃଷ୍ଟି ହୋଇଥିବା ବେଳେ ଆସନ୍ତା ୨ରୁ ୩ ଦିନ ଭିତରେ ପ୍ରବଳ ବର୍ଷା ହେଲେ ଚାଷ ସମ୍ପୂର୍ଣ୍ଣ ଉଜୁଡ଼ିଯିବାର ସମ୍ଭାବନା ରହିଥିବା ଚାଷୀମାନେ ପ୍ରକାଶ କରିଛନ୍ତି।


କଞ୍ଚୁଡ଼ି ନଦୀ ବନ୍ୟାଜଳରେ କପାଗଡ଼ିଆ ଅଞ୍ଚଳ ଚାଷଜମି ଜଳମଗ୍ନ।

## ୫୨ ଏଏସ୍ଆଇଙ୍କ ବଦଳି

ବାରିପଦା ଅଫିସ,୧୮।୯- ମୟୂରଭଞ୍ଜ ଜିଲ୍ଲା ଏଷ୍ଟାବ୍ଲିଶମେଣ୍ଟ କମିଟିର ନିଷ୍ପତ୍ତିକ୍ରମେ ଶନିବାର ଏସ୍ପି କେଆର୍ ଦ୍ୟାନଦେଓ ଜିଲ୍ଲାର ୫୨ଜଣ କାର୍ଯ୍ୟରତ ପୋଲିସ ଏଏସ୍ଆଇଙ୍କ ବଦଳି ଆଦେଶ ଜାରି କରିଛନ୍ତି । କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୯୦୬/ତା ୧୮।୯।୨୧ରିଖ ଅନୁଯାୟୀ ପ୍ରକାଶ ପାଇଥିବା ଆଦେଶ କ୍ରମେ ସମସ୍ତ ଅଧିକାରୀ ବଦଳି ହୋଇଥିବା ଏଏସଆଇଙ୍କୁ ତୁରନ୍ତ ରିଲିଫ କରିବା ପାଇଁ ଏସ୍ପି ଜଣାଇଛନ୍ତି । ଲୋକଙ୍କୁ ଉନ୍ନତ ସେବା ପ୍ରଦାନ ପାଇଁ ବଦଳି ଆଦେଶ ପ୍ରକାଶ ପାଇଛି।



ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ବାଲିମୁଣ୍ଡା ପଞ୍ଚାୟତବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ତପନ କୁମାର ଭୂୟାଁ
ସରପଞ୍ଚଙ୍କ ପ୍ରତିନିଧି, ବାଲିମୁଣ୍ଡା ଗ୍ରାମପଞ୍ଚାୟତ, ବାସୁଦେବପୁର


ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ନାୟକାଣୀଡିହି ଥାନା ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଆଇନ ଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସକୁ ସହଯୋଗ କରିବାକୁ ଅନୁରୋଧ ।
ଇନ୍ସପେକ୍ଟର ସୁଶାନ୍ତ କୁମାର ମିଶ୍ର
ଥାନାଧିକାରୀ, ନାୟକାଣୀଡିହି, ବାସୁଦେବପୁର


ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ବିରସ ପଞ୍ଚାୟତବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ସତ୍ୟରଞ୍ଜନ କୁଅଁର
ସମିତି ସଭ୍ୟ, ବିରସ ଗ୍ରାମପଞ୍ଚାୟତ, ବାସୁଦେବପୁର


ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ତିହିଡ଼ି ଥାନା ଅଧୀନ ସମସ୍ତ ଜନସାଧାରଣଙ୍କୁ ଆଇନ ଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସକୁ ସହଯୋଗ କରିବାକୁ ଅନୁରୋଧ ।
ଇନ୍ସପେକ୍ଟର ତପନ କୁମାର ପ୍ରଧାନ
ଥାନାଧିକାରୀ, ତିହିଡ଼ି


ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ମା' କାଳୀ ଓ ବାସୁଦେବପୁର ସେବା ସମବାୟ ସମିତି ଅଧୀନ ସମସ୍ତ ଚାଷୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ତନ୍ମୟ କୁମାର ମଲ୍ଲିକ
ସମ୍ପାଦକ, ମା' କାଳୀ ଓ ବାସୁଦେବପୁର ସେବା ସମବାୟ ସମିତି, ବାସୁଦେବପୁର


ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ଲକ୍ଷ୍ମୀଦାସପୁର ପଞ୍ଚାୟତବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ପବିତ୍ର ରଞ୍ଜନ ପୁହାଣ
ଯୁବନେତା, ଲକ୍ଷ୍ମୀଦାସପୁର ଗ୍ରାମପଞ୍ଚାୟତ, ବାସୁଦେବପୁର


ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ପଢୁଆଁ ସେବା ସମବାୟ ସମିତି ଅଧୀନ ସମସ୍ତ ଚାଷୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ରାଜେଶ କୁମାର ପାଢ଼ୀ
ସମ୍ପାଦକ, ପଢୁଆଁ ସେବା ସମବାୟ ସମିତି, ବାସୁଦେବପୁର


ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ବାସୁଦେବପୁରର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ଭାଗୀରଥି ବଳ
୧୮ ନଂ ଜିଲ୍ଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ଓ ବିଜେଡି ଉପସଭାପତି, ବାସୁଦେବପୁର


ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ସାହାଡ଼ା ସେବା ସମବାୟ ସମିତି, ଅଧୀନ ସମସ୍ତ ଚାଷୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ପ୍ରିୟରଞ୍ଜନ ମହାନ୍ତି
ସମ୍ପାଦକ, ସାହାଡ଼ା ସେବା ସମବାୟ ସମିତି, ଭଦ୍ରକ


ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ରାଇରଙ୍ଗପୁର, ସାରସକଣା, ଧାମନଗର ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ମୁକ୍ତିକାନ୍ତ ମଣ୍ଡଳ
ପର୍ଯ୍ୟବେକ୍ଷକ ଓଡ଼ିଶା ବିଜେଡି, ରାଇରଙ୍ଗପୁର, ସାରସକଣା, ମୟୂରଭଞ୍ଜ ତଥା ପୂର୍ବତନ ବିଧାୟକ, ଧାମନଗର


ଭଦ୍ରକ ଜିଲ୍ଲାର ସମସ୍ତ ଅବହେଳିତ, ନିର୍ଯାତିତ ଜନସାଧାରଣଙ୍କର ସେବା ପାଇଁ ମୁଁ ସର୍ବଦା ସମର୍ପିତ ।
ସୀତାଂଶୁ ଶେଖର ମହାପାତ୍ର
ଆବାହକ, ଶହୀଦ ଭଗତ ସେନା, ଭଦ୍ରକ


ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ସୁଗୋ ପଞ୍ଚାୟତବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ମାନସୀ ନାୟକ
ସରପଞ୍ଚ, ସୁଗୋ ଗ୍ରାମପଞ୍ଚାୟତ, ବାସୁଦେବପୁର


ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ବାଲିମେଦ ସେବା ସମବାୟ ସମିତି ଅଧୀନ ସମସ୍ତ ଚାଷୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ଶ୍ରୀଧର ନାୟକ
ସମ୍ପାଦକ, ବାଲିମେଦ ସେବା ସମବାୟ ସମିତି, ବାସୁଦେବପୁର


ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ସାହାଡ଼ା ପଞ୍ଚାୟତବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ପ୍ରମିଳା ବେହେରା
ସରପଞ୍ଚ, ସାହାଡ଼ା ଗ୍ରାମପଞ୍ଚାୟତ, ଭଦ୍ରକ


ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ନାୟକାଣିଡିହୀ ସେବା ସମବାୟ ସମିତି ଅଧୀନ ସମସ୍ତ ଚାଷୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ନରହରି ମାଝୀ
ସମ୍ପାଦକ, ନାୟକାଣିଡିହୀ ସେବା ସମବାୟ ସମିତି, ବାସୁଦେବପୁର


ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ବିଦେଇପୁର ପଞ୍ଚାୟତବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ନିବେଦିତା ମହାନ୍ତି
ସମିତି ସଭ୍ୟା, ବିଦେଇପୁର ଗ୍ରାମପଞ୍ଚାୟତ, ବାସୁଦେବପୁର


ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ବଚ୍ଛଦା ସେବା ସମିତି ଅଧୀନ ସମସ୍ତ ଚାଷୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ଶ୍ୱେତାରାଣୀ ମଲ୍ଲିକ
ସମ୍ପାଦିକା, ବଚ୍ଛଦା ସେବା ସମବାୟ ସମିତି, ବାସୁଦେବପୁର


ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ଭଦ୍ରକ ଆଦର୍ଶ ସହରାଞ୍ଚଳ ଥାନା ଅଧୀନ ସମସ୍ତ ଜନସାଧାରଣଙ୍କୁ ଆଇନ ଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସକୁ ସହଯୋଗ କରିବାକୁ ଅନୁରୋଧ ।
ଇନ୍ସପେକ୍ଟର ଉମାଶଙ୍କର ନାୟକ
ଥାନାଧିକାରୀ, ଭଦ୍ରକ ଆଦର୍ଶ ସହରାଞ୍ଚଳ ଥାନା


ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ବାଲିମେଦ ପଞ୍ଚାୟତବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ପ୍ରଫୁଲ୍ଲ କୁମାର ପଲିତା
ସରପଞ୍ଚ, ବାଲିମେଦ ଗ୍ରାମପଞ୍ଚାୟତ, ବାସୁଦେବପୁର


ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ବିରସ ସେବା ସମବାୟ ସମିତି ଅଧୀନରେ ଥିବା ସମସ୍ତ ଚାଷୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ରତିକାନ୍ତ ରାଉତ
ସମ୍ପାଦକ, ବିରସ ସେବା ସମବାୟ ସମିତି, ବାସୁଦେବପୁର


ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ବାସୁଦେବପୁର ଅଞ୍ଚଳର ସମସ୍ତ ଅଙ୍ଗନୱାଡ଼ି ଅଧୀନରେ ଅଧ୍ୟୟନରତ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ସନ୍ଧ୍ୟାରାଣୀ ମଲ୍ଲିକ
ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ବାସୁଦେବପୁର


ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ଭଦ୍ରକ ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ଯୋଗେନ୍ଦ୍ର ପ୍ରସାଦ ସାହୁ
ସାଧାରଣ ସମ୍ପାଦକ, ଜିଲ୍ଲା ବିଜେଡି, ଭଦ୍ରକ


ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ଆଇନ ଶୃଙ୍ଖଳା ରକ୍ଷା ପାଇଁ ସାବରଙ୍ଗ ଥାନା ଅଧୀନ ସମସ୍ତ ଜନସାଧାରଣଙ୍କୁ ପୋଲିସକୁ ସହଯୋଗ କରିବାକୁ ଅନୁରୋଧ ।
ଇନ୍ସପେକ୍ଟର ମନୋରମା ବାରିକ
ଥାନାଧିକାରୀ, ସାବରଙ୍ଗ, ଭଦ୍ରକ


ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ସାବରଙ୍ଗ ପଞ୍ଚାୟତବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ରଞ୍ଜିତା ନାୟକ
ସରପଞ୍ଚ, ସାବରଙ୍ଗ, ଭଦ୍ରକ



ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ୨୭ ନମ୍ବର ଜୋନ୍ ଅଧୀନ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
ସୁକାନ୍ତୀ ନାୟକ
ଜିଲ୍ଲା ପରିଷଦ ସଭ୍ୟା, ୨୭ ନମ୍ବର ଜୋନ୍


ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ଅବସରରେ ବାଲିମେଦ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।
ରଶ୍ମିରଞ୍ଜନ ମହାନ୍ତି
ସାମାଜିକ କର୍ମୀ, ବାଲିମେଦ ଗ୍ରାମପଞ୍ଚାୟତ, ବାସୁଦେବପୁର

